# ଚାଷୀଙ୍କ ହକ୍ ପାଇଁ ଲଢ଼େଇ ଆହ୍ୱାନ

ବରଗଡ଼,୨୩।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ବାଗମୁଣ୍ଡା ହାଇସ୍କୁଲ ପଡ଼ିଆରେ ଗୁରୁବାର କେଲେଣ୍ଡାପାଲି ପଞ୍ଚାୟତସ୍ତରୀୟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଚାଷୀ ଏବଂ ଚାଷ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଚାଷ ଏବଂ ଚାଷୀଙ୍କ ପାଇଁ ସରକାର ଯେଉଁସବୁ ଯୋଜନା କରୁଛନ୍ତି ଅସାଧୁ ଅଫିସର, କମ୍ପାନୀ, ଦଲାଲମାନେ ତାର ଲାଭ ଉଠାଉଛନ୍ତି ବୋଲି ଚାଷୀମାନେ ମତବ୍ୟକ୍ତ କରିଥିଲେ। କୃଷି ଯନ୍ତ୍ରପାତି ସବ୍‌ସିଡ଼ି, ସାର, ବିହନ ଆଦି କ୍ଷେତ୍ରରେ ଚାଷୀଙ୍କ ବଦଳରେ ଏଭଳି ସ୍ଥିତି ପରିଲକ୍ଷିତ ହେଉଥିବା ଚାଷୀମାନେ କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଅନେକ ତ୍ରୁଟି, ଠିକ୍ ଭାବେ କ୍ରପ୍‌କଟିଂ ହେଉ ନ ଥିବାରୁ ବୀମା କମ୍ପାନୀମାନେ ଲାଭ ଉଠାଉଛନ୍ତି ବୋଲି ଅଭିଯୋଗ କରି ସମାବେଶରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଧାନବିକ୍ରି କ୍ଷେତ୍ରରେ ମଧ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଚାଷୀମାନେ ବହୁବିଧ ସମସ୍ୟା ଭିତରକୁ ଠେଲି ହୋଇ ଯାଉଥିବା ଅଭିଯୋଗ ହୋଇଥିଲା। ଏଥର ଆଗୁଆ ଧାନ ଅମଳ ହୋଇଥିବାବେଳେ ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟା ଏବଂ ଟୋକନ ସମସ୍ୟା ଯୋଗୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବହୁ ପରିମାଣର ଧାନ ଅଣ୍ଡରରେଟ୍‌ରେ କିଣାଯାଇ ବିଭିନ୍ନ ରାଇସ ମିଲ୍‌ରେ ଭର୍ତ୍ତି ହୋଇ ସାରିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ସେହିପରି ଉଠାଜଳସେଚନ ବ୍ୟବସ୍ଥାରେ ଅହେତୁକ ବିଦ୍ୟୁତ ବିଲ୍ ଯୋଗୁ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିବା ସହିତ ନିରାଶ ହେବାକୁ ପଡୁଛି ବୋଲି ଚାଷୀମାନେ କହିଥିଲେ। ଏହିସବୁ ସମସ୍ୟାର ସମାଧାନ ପାଇଁ ଲଢ଼େଇ କରିବାକୁ ସମାବେଶରେ ଆହ୍ୱାନ ଦିଆଯାଇଥିଲା। ଚାଷୀନେତା ଶଶୀଭୂଷଣ ନାୟକ, ଥବିର ସାହୁ, ମୋତିରାମ ସାହୁ, ଅଶ୍ୱିନୀ ସାହୁ, ବନମାଳି ପଟେଲ, ଦୟାସାଗର ପ୍ରଧାନ, ମଧୁସୂଦନ ପ୍ରଧାନ, ଦିଲୀପ ସାହୁ, ଶାନ୍ତନୁ ମାଝୀ, ନିରଞ୍ଜନ ପ୍ରଧାନ, ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ସମାବେଶରେ ଉପସ୍ଥିତ ଚାଷୀବୃନ୍ଦ।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଜିଆର୍‌ଏସ୍

**ଜବ କାର୍ଡଧାରୀଙ୍କଠୁ ୧୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ**



ଭବାନୀପାଟଣା,୨୩।୧୧(ଉତ୍ତମ କୁମାର ଦାଶ)

ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ମାଷ୍ଟରରୋଲ ପ୍ରସ୍ତୁତି ପାଇଁ ଜଣେ ଜବ କାର୍ଡଧାରୀଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗୁରୁବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅଧୀନ ବଡକର୍ଲାକୋଟ ଜିଆର୍‌ଏସ୍ ମାର୍ଗେରେଟ ପାଣିଗ୍ରାହୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁସାରେ, ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଚାଲିଥିବା କାର୍ଯ୍ୟର ମାଷ୍ଟର ରୋଲ ପ୍ରସ୍ତୁତି ଓ ପେମେଣ୍ଟ ସୁନିଶ୍ଚିତ କରିବା ପାଇଁ ଜୟପାଟଣା ବ୍ଲକ ବଡକର୍ଲାକୋଟ ଜିଆର୍‌ଏସ୍ ପାଣିଗ୍ରାହୀ ୧୫ ହଜାର ଟଙ୍କା ଅଭିଯୋଗକାରୀ ସିଲାଇଜୋରର ବାବୁଲି ହରିଜନଙ୍କୁ ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀ ଲାଞ୍ଚ କାରବାର ନେଇ ଭିଜିଲାନ୍ସ ବିଭାଗକୁ ଅବଗତ କରିଥିଲେ। ପୂର୍ବ ଯୋଜନା ଅନୁସାରେ ଜିଆର୍‌ଏସ୍ ପାଣିଗ୍ରାହୀ ମୁଖିଗୁଡ଼ାସ୍ଥିତ ବାସଭବନରେ ଟଙ୍କା ନେଉଥିବା ବେଳେ କଳାହାଣ୍ଡି ଓ କୋରାପୁଟ ଭିଜିଲାନ୍ସ ବିଭାଗ ଟିମ ଅତର୍କିତ ଚଢ଼ାଉ କରିଥିଲା। ତାଙ୍କ ନିକଟରୁ ଭିଜିଲାନ୍ସ ବିଭାଗ ରାସାୟନିକ ପ୍ରଲେପ ଥିବା ୩୦ଟି ୫ଶହ ଟଙ୍କା ଜବତ କରିଥିଲା। ଏ ନେଇ ଭିଜିଲାନ୍ସ ବିଭାଗ ଏକ ମାମଲା (ନଂ.୩୬/୨୩) ରୁଜୁ କରି ଜିଆର୍‌ଏସ୍ ମାର୍ଗେରେଟଙ୍କୁ ଗିରଫ କରିଛି।

### ଜାତୀୟସ୍ତର ବିଜ୍ଞାନ କଂଗ୍ରେସରେ ଭାଗ ନେବେ ନୂଆପଡ଼ା ଜିଲାର ଛାତ୍ର ସ୍ୱୟଂପ୍ରୀତ

ଖଡ଼ିଆଳ,୨୩।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ତୁକଲା ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ୱୟଂପ୍ରୀତ ତ୍ରିପାଠୀ ଚଳିତବର୍ଷ ପାଇଁ ରାଜ୍ୟସ୍ତରୀୟ ବିଜ୍ଞାନ କଂଗ୍ରେସରେ ଭାଗ ନେଇ ଜାତୀୟସ୍ତର ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ସ୍ୱୟଂପ୍ରୀତଙ୍କ ପ୍ରକଳ୍ପଟି ଥିଲା 'ବବୁଲ ଗଛ ଏକ ପ୍ରାକୃତିକ ପ୍ରକୃତି ସୂଚକ'। ଉକ୍ତ ସନ୍ଦର୍ଭଟି ଉପସ୍ଥାପନ କରି ସ୍ୱୟଂପ୍ରୀତ ତୁକଲା ଉଚ୍ଚ ବିଦ୍ୟାଳୟ ଓ ନୂଆପଡ଼ା ଜିଲା ପାଇଁ ଗୌରବ ଆଣିଛନ୍ତି। ଜାନୟାରୀରେ ହେବାକୁ ଥିବା ଜାତୀୟ ବିଜ୍ଞାନ କଂଗ୍ରେସରେ ଯୋଗଦେବେ। ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସିଦ୍ଧାର୍ଥ ଦାଶ ତାଙ୍କର ମାର୍ଗ ଦର୍ଶକଥିଲେ। ଏହି ସଫଳତା ପଛରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଅସୀମା ବାଘ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗ ରହିଥିଲା। ଏହି ସଫଳତା ଜିଲା ପାଇଁ ଖୁସିର ଲହରୀ ଆଣି ଦେଇଛି।

### ନାଟ୍ୟ ମହର୍ଷି ଭଗବାନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ଲୋଇସିଂହା,୨୩।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସୁରସଙ୍ଗମ ପକ୍ଷରୁ କୋଶଲ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ୨୩ ତମ ଶ୍ରାଦ୍ଧ ବାର୍ଷିକ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ନିସାର ଅହମ୍ମଦ ନିସାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ କଳାକାର ଓ ସାହିତ୍ୟିକ ନାଟ ମହର୍ଷିଙ୍କ ନିଜ ମାଟି ମା' ଏବଂ କଳା ସଂସ୍କୃତି ପ୍ରଚାର ପ୍ରସାର, ଲୋକ ମହୋତ୍ସବର ଅଗ୍ରୀମ ଆବାହକ ଏବଂ ଗୋଟିଏ ଦିନରେ ନୂଆଁଖାଇବା ପ୍ରୟାସ କରିଥିଲେ ବୋଲି ବକ୍ତାମାନେ ମତ ଦେଇଥିଲେ। ସ୍ୱର୍ଗତ ଗୁରୁଙ୍କୁ ମରୋଣତ୍ତର ପଦ୍ମଶ୍ରୀରେ ସମ୍ମାନରେ ଭୂଷିତ କରିବାକୁ ଦାବି ଉଠିଥିଲା। ସରୋଜ ମହାକୁର, ଗୌରୀଶଙ୍କର ବେଜ, ଦେବେନ୍ଦ୍ର ମିସ୍ତ୍ରୀ, ସତ୍ୟନାରାୟଣ ଦାସ, ରାଜେନ୍ଦ୍ର ବିଶ୍ୱାଳ, ଚିତ୍ତରଞ୍ଜନ ବିଶ୍ୱାଳ, ପାର୍ବତୀ ମସନିଆ, ବ୍ରଜ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।


ବଲାଙ୍ଗୀର ସହର ହାଟପଦାପଡା ମା' ମେଟାକାନୀ ମନ୍ଦିର କମିଟି ପକ୍ଷରୁ ନବମ ବାର୍ଷିକ ୨୪ ପ୍ରହର ନାମଯଜ୍ଞ ଉପଲକ୍ଷେ ବାହାରି ଥିବା କଳସ ଶୋଭାଯାତ୍ରା। **(ଫଟୋ: ବୀରେନ୍ଦ୍ର ଝାଙ୍କର, ବଲାଙ୍ଗୀର)**

## ଓଡ଼ିଶା ମିଲେଟ୍ସ ମିଶନ ପ୍ରକଳ୍ପ ପକ୍ଷରୁ କ୍ଷେତ୍ର ଦିବସ

କର୍ଲାମୁଣ୍ଡା,୨୩।୧୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ମିଲେଟ ମିଶନ ଯୋଜନା କାର୍ଯ୍ୟକାରୀ ସଂସ୍ଥା ଇଣ୍ଡୋ ଗ୍ଲୋବାଲ ସୋଶିଆଲ ସର୍ଭିସ ସୋସାଇଟି ଏବଂ ଓଡିଶା ମିଲେଟ୍ସ ମିଶନ ପ୍ରକଳ୍ପ ପକ୍ଷରୁ ରାଜପୁର ପଞ୍ଚାୟତ ବାଞ୍ଜିପଦରଠାରେ ଗୁରୁବାର କ୍ଷେତ୍ର ଦିବସ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ କ ଜୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ସମ୍ମାନିତ ଅତିଥି ଭାବେ ରାଜପୁର ସରପଞ୍ଚ କୌଶଲ୍ୟା ରଣା, ମିଶନ ଶକ୍ତି ସିଆରପି ସନ୍ତୋସିନୀ ରଣା, କୃଷି ବିଭାଗରୁ ଏଟିଏମ ଶ୍ୟାମପଦ ଭଞ୍ଜ, ଆଇସିଡିଏସ ସୁପରଭାଇଜର ଗୀତା ହରିଜନ, ମିଲେଟ୍ସ ମିଶନ ପ୍ରକଳ୍ପ କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କ୍ଷୁଦ୍ର ଶସ୍ୟର ଚାହିଦା ଓ ତାକୁ ଖାଦ୍ୟ ରୂପେ ଗ୍ରହଣ କରିବା, ଅମଳ ବୃଦ୍ଧି, ଚାଷର ବିଭିନ୍ନ ପଦ୍ଧତି, ମଣ୍ଡିର ବ୍ୟବସ୍ଥା ସହିତ ସରକାରୀସ୍ତରରେ ଏଥିପାଇଁ ଥିବା ସୁବିଧା ସୁଯୋଗ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ପରେ ନିକଟସ୍ଥ ମାଣ୍ଡିଆ ଚାଷ ଚାଷୀମାନଙ୍କ ଦ୍ୱାରା ପରିଦର୍ଶନ କରାଯାଇଥିଲା। ମିଲେଟ୍ସ ମିଶନ ପ୍ରକଳ୍ପ ସିଆରପି ଭାନୁମତି ପଧାନ, କମଳ ସୁନା, ଜୀବର୍ଦ୍ଧନ ସାହୁ, ଧ୍ରୁବନ ବାଗ, ବାଲ୍ମୀକି ଛତ୍ରିଆ, ହିସାବ ରକ୍ଷକ ସନାତନ କରୁଆଁ, ଚାଷୀ କିଶୋର ରଣା, ପ୍ରଶାନ୍ତ ରଣା, ଦିଲୀପ ରଣା, ବୃଷଭ ରଣା, ହୃଷିକେଶ ରଣା ସତ୍ୟସାଇ ପଧାନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗାଁରୁ ୮୦ ମାଣ୍ଡିଆ ଚାଷୀ ଯୋଗଦେଇଥିଲେ।

## ଚିକିତ୍ସାଧୀନ ଅବସ୍ଥାରେ ଆହତଙ୍କ ମୃତ୍ୟୁ

**ପେଟ୍ରୋଲ ଢାଳି ଯୁବକଙ୍କୁ ନିଆଁ ଲଗାଇବା ଘଟଣା**

ଭବାନୀପାଟଣା,୨୩।୧୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଗୋଶାଳପଡା ଦୁର୍ଗାମଣ୍ଡପ ନିକଟରେ ଗତ ୧୫ ତାରିଖ ସନ୍ଧ୍ୟାରେ ଧାର ଟଙ୍କା ଫେରସ୍ତ କରିବାକୁ ଡାକି ଅଞ୍ଜନ ପାଢ଼ୀ (୪୫) ନାମକ ଜଣେ ଯୁବକଙ୍କୁ କୋମନାର ବାସୁଦେବ ଛତ୍ରିଆ (୩୦) ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଅଞ୍ଜନ କଟକ ଏସସିବି ମେଡିକାଲ କଲେଜରେ ଗୁରୁବାର ପୂର୍ବାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକଙ୍କ ଘର ଜୁନାଗଡ଼ ବ୍ଲକ ଦେଉଣ୍ଡି ଗ୍ରାମ ହୋଇଥିବାବେଳେ ସେ ଭବାନୀପାଟଣା ସହର କଶାକେନ୍ଦୁ ଛକ ନିକଟସ୍ଥ ଡିଜେଲ ଟ୍ୟାଙ୍କ ପଛପଟେ ଏକ ଭଡ଼ା ଘରେ ରହୁଥିଲେ। ଏହି ଘଟଣା ନେଇ ଅଞ୍ଜନଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇନଥିବାବେଳେ ଭବାନୀପାଟଣା ମେଡ଼ିକାଲ ପକ୍ଷରୁ ସ୍ଥାନୀୟ ଟାଉନ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିଲା। ପୋଲିସ ଏକ ମାମଲା (ନଂ. ୪୩୦/୨୩) ରୁଜୁ କରି ତଦନ୍ତ କରିଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନୂଆପଡା ଜିଲା କୋମନାର ବାସୁଦେବ ଛତ୍ରିଆ (୩୦)ଙ୍କୁ ଗିରଫ କରି ଗତ ୧୮ ତାରିଖରେ ଭବାନୀପାଟଣା ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଅଞ୍ଜନ ମେଡିସିନ ଏମଆର ଭାବେ କାର୍ଯ୍ୟ କରୁଥିଲେ। ସେ ୨ ଲକ୍ଷ ଟଙ୍କା ବାସୁଦେବଙ୍କୁ ଧାର ଦେଇଥିଲେ। ବାରମ୍ବାର ଟଙ୍କା ଫେରସ୍ତ ମାଗିବା ପରେ ମଧ ବାସୁଦେବ ତାଙ୍କ କଥା ଶୁଣୁ ନ ଥିଲେ। ଟଙ୍କା ଫେରସ୍ତ କରିବା ପାଇଁ ଅଞ୍ଜନଙ୍କୁ ବାସୁଦେବ ଗୋଶାଳପଡା ଦୁର୍ଗାମଣ୍ଡପ ନିକଟରେ ଡାକିଥିଲେ। ଅଞ୍ଜନ ପହଞ୍ଚିବା ପରେ ତାଙ୍କୁ ପୂର୍ବ ଯୋଜନା ଅନୁଯାୟୀ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ମୃତ ଅଞ୍ଜନଙ୍କ ସ୍ତ୍ରୀ ଓ ଗୋଟିଏ ପୁଅ ଅଛନ୍ତି।


ମୃତ ଅଞ୍ଜନ ପାଢୀ (ଫାଇଲ ଫଟୋ)।

## ଲୁହା ପାଇପ୍ ଚୋରି, ୩ ଗିରଫ

ରାଉରକେଲା,୨୩।୧୧(ସଙ୍ଗୀତା ଜେନା)

ଝିରପାଣି ଥାନା ଅଧୀନ କୋଏଲନଗର ଗ୍ରୀନ ପାର୍କରେ ଲୁହାପାଇପ୍ ଓ ଅନ୍ୟ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ କ୍ରେତା ଓ ବିକ୍ରେତାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏମ୍‌ଡ଼ି ଫୟିମ୍, ରିକ୍ସା ଚାଳକ ରାକେଶ କୁମ୍ଭାର ଓ କ୍ରେତା ନନି ଗୋପାଳ ଭୂୟାଁ। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୭/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଉକ୍ତ ପାର୍କରେ ପଡ଼ିଥିବା ଲୁହାପାଇପ୍ ଓ ଅନ୍ୟ ସରଞ୍ଜାମକୁ ଏମ୍‌ଡ଼ି ଫୟିମ୍ ଓ ରାକେଶ ଚୋରି କରିଥିବାବେଳେ କିଛି ବରିଷ୍ଠ ନାଗରିକ ସେମାନଙ୍କୁ କାବୁ କରିଥିଲେ। ତେବେ ଫୟିମ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତ ବେଳେ ୩ ଜଣଙ୍କୁ ଧରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ରଞ୍ଜୁ


@ ନିକୁଞ୍ଜ


@ ସରୋଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀରାମ କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୨୩।୧୧(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶ୍ରୀରାମ ମହାବିଦ୍ୟାଳୟ ରାମପୁରରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କଲେଜ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଗୁରୁବାର ଠାରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ ସଚେତନତା ମୂଳକ କାର୍ଯ୍ୟକ୍ରମ, ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତା ହେବ। ପ୍ରଥମ ଦିବସରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ, କ୍ୟାରିୟର ପରାମର୍ଶ ଓ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ଅଧାପକ ଡ. ଗୁଣନିଧି ବାରିକ, ଦେବେନ୍ଦ୍ର ଭୁଏ, ଲମ୍ବୋଦର ପଧାନ ଓ ଅଧାପିକା ବିଜୟଲକ୍ଷ୍ମୀ ମହାନନ୍ଦଙ୍କ ପରିଚାଳନାରେ କରାଯାଇଥିଲା। ରାମପୁର ଷ୍ଟେଟ ବ୍ୟାଙ୍କ ଶାଖା ମ୍ୟାନେଜର ରାମନାଥ ମେହେର ଓ ସମ୍ବଲପୁରସ୍ଥିତ ବଣିକ ଅନୁଷ୍ଠାନ ଶାଖା ପରିଚାଳକ ସୁମିତ ଶରଣ ବକ୍ତବ୍ୟ ପ୍ରଦାନ କରିଥିଲେ। ନୋଡାଲ ଅଫିସର ଡ.ଯୋଗେଶ ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ ଅଧାପକ ଟିକେଚାନ୍ଦ ବାଗ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ବିଶ୍ୱନାଥ ପାଢ଼ୀ, ଆଲୁମିନି ଆସୋସିଏଶନର ସମ୍ପାଦକ ଶଙ୍କର ପ୍ରସାଦ ସାହୁ ମଞ୍ଚାସୀନ ଥିଲେ। ଶେଷରେ ଅଧାପକ ମୀନକେତନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ଲାଷ୍ଟିକ ସଚେତନତା ବାର୍ତ୍ତା ନେଇ ଛାତ୍ରୀଛାତ୍ରମାନେ ନିକଟସ୍ଥ ମାୟାବର୍ହା ଗ୍ରାମ ପରିକ୍ରମା କରିଥିଲେ।



କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥି।

## ଜଙ୍ଗଲ ସୁରକ୍ଷାର ନିଆରା ଅଭିଯାନ ଟଙ୍ଗିଆ ଜାମ୍

- ୧୮ ବର୍ଷ ଧରି ବଲାଙ୍ଗୀର, ସୁବର୍ଣ୍ଣପୁର ଜିଲାରେ ଚାଲିଛି ସଚେତନତା
- ପ୍ରତିବର୍ଷ ବାହାରୁଛି ସଚେତନତା ରଥ, ପଦଯାତ୍ରା
- ଗାଁ ଗାଁରେ ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ସଚେତନତା ପ୍ରାଚୀର ଲେଖା

ବଲାଙ୍ଗୀର,୨୩।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ଜଙ୍ଗଲ ଧ୍ୱଂସ, ପରିବେଶ ପ୍ରଦୂଷଣ ଏବଂ ବିଶ୍ୱତାପନ ଭଳି ଗୁରୁତର ସଙ୍କଟକୁ ନେଇ ଜନସଚେତନତା ସୃଷ୍ଟି କରିବାରେ ବଲାଙ୍ଗୀର ଜିଲାରେ ଚାଲିଛି ଏକ ସ୍ୱତନ୍ତ୍ର ଅଭିଯାନ ଟଙ୍ଗିଆ ଜାମ୍। ଦୀର୍ଘ ୧୮ବର୍ଷ ଧରି ଏହି ଅଭିଯାନ ଜିଲାରେ ବହୁ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ଟଙ୍ଗିଆ ଜାମ୍ ଅଭିଯାନର ମଙ୍ଗ ଧରିଛନ୍ତି ଆଡଭୋକେଟ୍ ତଥା ପରିବେଶ କର୍ମୀ ଗୋପାଳ ଚନ୍ଦ୍ର ହୋତା। ଜଙ୍ଗଲ ବିଭାଗ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଜଙ୍ଗଲ ସୁରକ୍ଷା ଏବଂ ବିଭିନ୍ନ ପରିବେଶଗତ କାର୍ଯ୍ୟକ୍ରମକୁ ନେଇ ସଚେତନତା କରାଯାଉଛି। ଛାତ୍ର ଜୀବନରୁ ଜଙ୍ଗଲ ସୁରକ୍ଷା ଦିଗରେ ସଚେତନତା କାର୍ଯ୍ୟକ୍ରମ କରିଆସୁଥିବା ପରିବେଶ କର୍ମୀ ହୋତା ୨୦୦୬ ମସିହାରୁ ଟଙ୍ଗିଆ ଜାମ୍ ନାଁରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମେ କିଛି ବନ୍ଧୁ ଓ ସହଯୋଗୀଙ୍କୁ ପ୍ରୋତ୍ସାହିତ କରି ସାଇକଲରେ ଗାଁ ଗାଁରେ ସଚେତନତା ଶୋଭାଯାତ୍ରା, ପଦଯାତ୍ରା, ପ୍ରାଚୀର ଲେଖା ଅଭିଯାନ ଏବଂ ପ୍ରଚାର ପତ୍ର ବଣ୍ଟନ ଆରମ୍ଭ କରିଥିଲେ। ବିଶେଷକରି ତାଙ୍କ ଅଭିଯାନର ନାଁ ଟଙ୍ଗିଆ ଜାମ୍ ଦେଇଥିବାରୁ ଏହା ଅଧିକ ଲୋକପ୍ରିୟ ହୋଇଥିଲା। ଅଭିଯାନ ପକ୍ଷରୁ ଫି ୧ତାରିଖ ଟଙ୍ଗିଆ ଜାମ୍ ନାରା ଦିଆଯାଇଥିଲା। ବଲାଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲାର ଅଧିକାଂଶ ଗାଁ ପାଚେରି ଓ କାନ୍ଥରେ କୋଶଲୀ ଏବଂ ଓଡିଆ ଭାଷାରେ ଜଙ୍ଗଲ ସୁରକ୍ଷା, ବିଶ୍ୱତାପନ, ପରିବେଶ ସଚେତନତା ନେଇ ଲୋକପ୍ରିୟ ବାକାଂଶ ରୋଚକ ହୋଇଛି। ପ୍ରତିବର୍ଷ ଆଷାଢ଼-ଶ୍ରାବଣ ମାସରେ କମିଟି ପକ୍ଷରୁ ଚାରାବଣ୍ଟନ, ବୃକ୍ଷରୋପଣ ଓ କାର୍ତ୍ତିକ ମାସରେ ସଚେତନତା ପଦଯାତ୍ରା କରାଯାଉଛି। ଏବେ କାର୍ତ୍ତିକ ମାସରେ ସଚେତନତା ପଦଯାତ୍ରା ଗାଁ ଗାଁ ବୁଲୁଛି। ପ୍ରତିବର୍ଷ ୨୫ରୁ ୩୦ଟି ଗାଁରେ ସଚେତନତା ସଭା କରାଯାଉଥିବା ହୋତା କହିଛନ୍ତି। ଉକ୍ତ ସଭା ଗୁଡିକରେ ପରିବେଶ କର୍ମୀ ହୋତା ଉପସ୍ଥିତ ରହି ସୃଷ୍ଟି ସର୍ଜନା, ପାଳନ ଏବଂ ସଂହାର ସହ ବୃକ୍ଷ ଓ ଜଙ୍ଗଲର ଉପକାରିତା ଏବଂ ଏଥିରେ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ କହିଥାନ୍ତି। ଗୋଟିଏ ମିନି ଟ୍ରକ୍ ଗାଡି ଭଡାରେ ନେଇ ସେଥିରେ ବୃକ୍ଷ ଚାରା, ସଚେତନତା ବାର୍ତ୍ତା ଥିବା ପ୍ଲାକାର୍ଡ ଓ ଏକ ସାଉଣ୍ଡ ବକ୍ସ ଧରି ପଦଯାତ୍ରା ଆରମ୍ଭ ହୋଇଥାଏ। ସମ୍ପ୍ରତି କାର୍ତ୍ତିକ ମାସରେ ବଲାଙ୍ଗୀରରୁ ଆରମ୍ଭ ହୋଇଥିବା ପଦଯାତ୍ରା ଦେଓଗାଁ ବ୍ଲକ୍‌ର ବିଭିନ୍ନ ଗାଁରେ ପହଞ୍ଚିଛି। ଦେଓଗାଁ ବ୍ଲକ୍ ଗମ୍ଭାରୀମାଲ ଗାଁରେ ଚଳିତବର୍ଷ ମହିଳା ଓ ପୁରୁଷମାନେ ଟଙ୍ଗିଆ ଜାମ୍ କମିଟିକୁ ଭବ୍ୟ ସାଗତ କରିଛନ୍ତି। ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ସହଯୋଗୀ ଭାବେ କଷାବାହାଲର ଶ୍ରୀବତ୍ସ ସାହୁ, ଅଇଁଲାତୁଆଁର ଦୂତ ପଧାନ, କୀର୍ତ୍ତି ସାହୁ, ପୁରୁଣାପାଣିର ମୟ ପ୍ରଧାନୀ, ବଲାଙ୍ଗୀରର ସୁଶାନ୍ତ ପାତ୍ର ଓ ଧ୍ରୁବ ମେହେର ଓ ଅନ୍ୟମାନେ କାର୍ଯ୍ୟ କରିଆସୁଛନ୍ତି। ବନବିଭାଗ ପକ୍ଷରୁ ଟଙ୍ଗିଆ ଜାମ୍ କମିଟିକୁ ଚାରା ଯୋଗାଇ ଦିଆଯାଉଛି। ପରିବେଶ କର୍ମୀ ହୋତା ପ୍ରକୃତି ବନ୍ଧୁ, ମଠଖାଠ ସମ୍ମାନ ସହ ଅନ୍ୟ ପୁରସ୍କାର ଲାଭ କରିଛନ୍ତି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁଞ୍ଜିଭଟା ଗାଁର ମୂଳବାସିନ୍ଦା ତଥା ବଲାଙ୍ଗୀର ମହାଲକ୍ଷ୍ମୀନଗର ନିବାସୀ ପରିବେଶକର୍ମୀ ହୋତା ଜଣେ ସମର୍ପିତ ପରିବେଶ କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି।



ବଲାଙ୍ଗୀରରୁ ଟଙ୍ଗିଆ ଜାମ୍ କମିଟି ପକ୍ଷରୁ ପରିବେଶ ସଚେତନତା ପଦଯାତ୍ରା ଆରମ୍ଭ କରାଯାଉଛି।

## ସଂକ୍ଷେପରେ

### ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଶୁଭାରମ୍ଭ

**ବୌଦ୍ଧ,୨୩।୧୧(ଅଜିତ କୁମାର ବାରିକ)**

ଗୁରୁବାର ଦିନ ବୌଦ୍ଧ ଜିଲା ଶିଶୁ ସୁରକ୍ଷା ବିଭାଗ, ମହିଳା ଓ ଶିଶୁବିକାଶ ବିଭାଗ ଆନୁକୂଲ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରଥର ଶୁଭାରମ୍ଭ କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଳ ପ୍ରଧାନ ଏହାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତଥି ଭାବେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଉପସ୍ଥିତ ଥିଲେ। ଏହି ରଥ ୫ ଦିନ ଧରି ଜିଲାର ହରଭଙ୍ଗା, କନ୍ଧମାଳ ଓ ବୌଦ୍ଧ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ ବୋଲି ସୁରକ୍ଷା ଅଧିକାରୀ ସୁଶାନ୍ତ ଭୋଇ ସୂଚନା ଦେଇଥିଲେ ।

### ଭୋଟର ପଞ୍ଜୀକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ

**ବାଉଁଶୁଣୀ,୨୩।୧୧(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଦିନ ନୂତନ ଭୋଟର ପଞ୍ଜୀକରଣ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ତହସିଲଦାର ସୁନୀତା ସାହୁ, ବିଏଲଓ ସୁପରଭାଇଜର ଶରତ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ଓଡ଼ିଆ ଅଧ୍ୟାପକ ଦେବାର୍ଚ୍ଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଫୁଟ୍‌ବଲ ଟୁର୍ନାମେଣ୍ଟ: ତେନ୍ତୁଲିମୁଣ୍ଡା ବିଜୟୀ

**ବେଲପଡ଼ା,୨୨।୧୧(ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଡେବ୍ରିପାଲି ନେହେରୁ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ପ୍ରତିଯୋଗୀତାର ଗୁରୁବାର ଥିଲା ଦ୍ୱିତୀୟ ସେମିଫାଇନାଲ। ଖେଳ ମଧ୍ୟପୁର ଓ ତେନ୍ତୁଲିମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ତେନ୍ତୁଲିମୁଣ୍ଡା ୩–୧ଗୋଲରେ ବିଜୟ ହୋଇଥିଲା। ଫାଇନାଲ ଖେଳ ସଲଣ୍ଡି ଓ ତେନ୍ତୁଲିମୁଣ୍ଡା ମଧ୍ୟରେ ହେବ। ଗୁରୁବାର ଖେଳର ମୁଖ୍ୟ ଅତିଥଭାବେ ଅନିଲ ମେହେର, ସାଧୁ ଚରଣ ମେହେର, ଚନ୍ଦନ ସାହୁ, ବିଦ୍ୟାଧର ମେହେର, ମୋହନ ହଂସ, ସଞ୍ଜୀବ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

### ଅଭିଭାବକ, ଶିକ୍ଷକ, ପରିଚାଳନା କମିଟି ସଦସ୍ୟଙ୍କ ମିଳିତ ବୈଠକ

**ଘଣ୍ଟାପଡ଼ା,୨୩।୧୧(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ସମଲେଶରୀ ସରକାରୀ ଉଚ୍ଚବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସରେ ଅଭିଭାବକ, ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ସଦସ୍ୟ ସୂର୍ଯ୍ୟନାରାୟଣ ସାହୁ, ପ୍ରଭାତ କୁମାର ସାହୁଙ୍କ ସମେତ ସ୍ଥାନୀୟ ସରପଞ୍ଚ ରୀତା କହଁର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀପତି ମଲିକ,ୱାର୍ଡ଼ମେମ୍ବର ବିଶ୍ୱାମିତ୍ର ମାଝୀ, ଅଭିଭାବକ ସୂର୍ଯ୍ୟ ଦେହୁରୀ ମଞ୍ଚାସିନ ରହି ଆଲୋଚନାରେ ଭାଗ ନେଇଥିଲେ। ସହକାରୀ ଶିକ୍ଷକ ସନ୍ତୋଷ ସାହୁ, ଶାନ୍ତନୁ ସେଠୀ, ସୁବାସ ସାହୁ, ମନ୍ଦାକିନୀ ବଗର୍ତ୍ତୀ, ରଶ୍ମିତା ସାହୁଙ୍କ ସମେତ ଅଭିଭାବକ ଯୁଗେଶର ରଣା, ଋଷଭ ମାଝୀ, ଆରତ ବାଇ, ଦୁର୍ମନ ବିଭାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁରୂପ ଭାବେ ପ୍ରଧାନଶିକ୍ଷକ ମହେନ୍ଦ୍ର ଲୁହାଙ୍କ ଅଧକ୍ଷତାରେ ପରିଚାଳନା କମିଟି ସଭାପତି ଅଭିମନ୍ୟୁ ମଲିକ, ସହକାରୀ ଶିକ୍ଷକ ସୁଶାନ୍ତ କହଁର, ମୁକୁନ୍ଦଦେବ ସାହୁ, ସର୍ଣ୍ଣପ୍ରଭା ସାହୁ, ସସ୍ମିତା ଜାନି, ଅଭିଭାବକ ପ୍ରଭାତ ସାହୁ, ମାଧବ ସାହୁ ,ଶେଷଦେବ ଥନାପତି ପ୍ରମୁଖ ଉପସ୍ଥିତ ରହି ବୈଠକରେ ଗୁଣାତ୍ମକ ଶିକ୍ଷା ଉପରେ ଆଲୋଚନା କରିଥିଲେ।

# ଶ୍ରୀକ୍ଷେତ୍ରରୁ ପାତାଳି ଶ୍ରୀକ୍ଷେତ୍ରକୁ ଆସିଲା ରଥଚକ

**ସୋନପୁର,୨୩।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ଶ୍ରୀକ୍ଷେତ୍ରରୁ ଦେବୀ ସୁଭଦ୍ରାଙ୍କ ରଥର ଚକକୁ ସୁବର୍ଣ୍ଣପୁର ଅଣାଯାଇଛି। ଏହି ଚକ ଗୁରୁବାର ଅପରାହ୍ନରେ ପାତାଳି ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ଏକ ସୁସଜ୍ଜିତ ରଥରେ ଚକକୁ ଅଣାଯାଇଛି। ଏହି ରଥ ସୁବର୍ଣ୍ଣପୁର ସହରରେ ପହଞ୍ଚିବା ପରେ ଶ୍ରଦ୍ଧାଳୁମାନେ ରଥଚକକୁ ବନ୍ଦାପନା ଓ ପୂଜାର୍ଚ୍ଚନା କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକ, ଗଦାଧର ବାରିକ୍, ଚନ୍ଦ୍ରଶେଖର ଓତା, ସୁରେଶ ମିଶ୍ର, ସଞ୍ଜୟ କୁମାର ମହାପାତ୍ର, ବେଣୀମାଧବ ବେଦବାକ୍, ସୁରେଶ କୁମାର ପାତ୍ର ଓ ନନ୍ଦ କିଶୋର କମାଣୀ ରଥଚକକୁ ପୂଜାର୍ଚ୍ଚନା କରିବା ସହ ସ୍ୱାଗତ ଜଣାଇଥିଲେ। ଅନ୍ୟ ସ୍ଥାନରେ ମଧ୍ୟ ରଥଚକକୁ ପୂଜାର୍ଚ୍ଚନା କରାଯାଇଥିଲା। ସୁବର୍ଣ୍ଣପୁର ଜିଲାପାଳଙ୍କ ଅନୁରୋଧ ପତ୍ର ପରେ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ଶ୍ରୀଜଗନ୍ନାଥ ସଂସ୍କୃତି କର୍ମକର୍ତ୍ତାଙ୍କୁ ଏହି ରଥ ଚକ ବୁଧବାର ପ୍ରଦାନ କରିଥିଲେ। ପାତାଳି ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ର ଯାଇଥିବା ତୁଳସୀ ରଥରେ ଏହି ଚକ ଆସିଥିଲା। ଏହି ଚକକୁ ଭକ୍ତଙ୍କ ଦର୍ଶନ ପାଇଁ ଶ୍ରୀଜୀଉଙ୍କ ପବିତ୍ର ଲୀଳାକ୍ଷେତ୍ର ଭାବେ ଖ୍ୟାତ ପାତାଳି ଶ୍ରକ୍ଷେତ୍ରରେ ସ୍ଥାପନ କରାଯିବ ବୋଲି ଜିଲାପାଳ ରାୟ ସୂଚନା ଦେଇଛନ୍ତି।


ସୋନପୁରରେ ରଥଚକକୁ ପୂଜାର୍ଚ୍ଚନା କରାଯାଉଛି।

# ମହାନଦୀରୁ ମିଳିଲା ଶିକ୍ଷକଙ୍କ ମୃତଦେହ

**ସୋନପୁର,୨୩।୧୧(ମୃତ୍ୟୁଞ୍ଜୟ ଶତପଥୀ)**

**ହତ୍ୟା ସନ୍ଦେହ, ମୃତଦେହ ରଖି ରାସ୍ତାରୋକୋ**

ସୁବର୍ଣ୍ଣପୁର ସହର ମହାନଦୀ ସେତୁ ନିକଟସ୍ଥ ନଦୀପଠାରୁ ଗୁରୁବାର ଅପରାହ୍ନରେ ଶିକ୍ଷକ ଲୋକନାଥ ନାଏକ(୪୯)ଙ୍କ ମୃତଦେହ ଜବତ ହୋଇଛି। ଅଗ୍ନିଶମ ବିଭାଗର କର୍ମଚାରୀ ମହାନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଲୋକନାଥଙ୍କ ଘର ଉଲୁଣ୍ଡା ବ୍ଲକ କେଶଲପୁରା ଗ୍ରାମରେ। ସେ କେଶଲପୁରା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ବୁଧବାର କେତେଜଣ ଯୁବକ ତାଙ୍କୁ ଅପହରଣ କରି ନେଇଥିଲେ। ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାରୁ ଗ୍ରାମବାସୀ ଏ ସମ୍ପର୍କରେ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏହାକୁ ଗୁରୁତ୍ୱ ଦେଇ ନ ଥିଲା। ନଦୀରୁ ଲୋକନାଥଙ୍କ ମୃତଦେହ ମିଳିବା ପରେ ପରିବାର ଲୋକେ ଓ ଗ୍ରାମବାସୀ ହତ୍ୟା ଅଭିଯୋଗ ଆଣିଛନ୍ତି। ମୃତ ଶିକ୍ଷକଙ୍କ ଭଉଣୀ ସ୍ୱାଇଁ ସନାତନ ଡନସେନା ଏ ସମ୍ପର୍କରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଲୋକନାଥ ୧୦ ବର୍ଷ ପୂର୍ବରୁ ବିବାହ କରିଥିଲେ। ତାଙ୍କର ଗୋଟିଏ ଝିଅ ଓ ପୁଅ ଅଛନ୍ତି। ତେବେ ୨ ବର୍ଷ ପୂର୍ବରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ମତାନ୍ତର ହେବାରୁ ଦୁହେଁ ଅଲଗା ରହୁଥିଲେ। ସ୍ତ୍ରୀ ଭଡା ଘର ନେଇ ସୁବର୍ଣ୍ଣପୁରରେ ରହୁଥିଲା ବେଳେ ସ୍ୱାମୀ ଲୋକନାଥ ନିଜ ଗାଁରେ ରହୁଥିଲେ। ବୀରମହାରାଜପୁର ପୋଲିସର ଅବହେଳା ପ୍ରତିବାଦରେ ଗ୍ରାମବାସୀ ମୃତଦେହକୁ ମହାନଦୀ ବ୍ରିଜ୍ ରାସ୍ତାରେ ରଖି ସନ୍ଧ୍ୟାରେ ରାସ୍ତାରୋକୋ କରିଥିଲେ। ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ ପାଢୀ ଓ ପୋଲିସ ଟିମ୍ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କୁ ଧରିବାର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ନିଶାସେବନରୁ ଦୂରେଇ ରହନ୍ତୁ ଯୁବପିଢ଼ି

**ଦେଓଗାଁ,୨୩।୧୧(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

**ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ**

ବଲାଙ୍ଗୀର ଜିଲା ଦେଓଗାଁ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ୧୦ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ସମ୍ମାନୀତ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ବଳଦେବ ମାଝି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଶା ସେବନରୁ ଦୂରେଇ ରହି ଏକ ଶୃଙ୍ଖଳିତ ସମାଜ ଗଠନରେ ଭାଗିଦାର ହେବାପାଇଁ ଆହ୍ୱାନ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଧାନୀ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ସାମିଲ ହୋଇ ନିଜ ପ୍ରତିଭାକୁ ବିକଶିତ କରିବାପାଇଁ ପରାମର୍ଶ ଦେଇଥିଲେ। ପରେ ଅଧ୍ୟାପକ ମହେଶ ମେହେରଙ୍କ ନେତୃତ୍ୱରେ ଓଡିଆ ଓ ଇଂଲିଶ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଲ୍ୟ ବିବାହର କୁପରିମାଣ ସମ୍ପର୍କରେ ଆଲୋଚନା ହୋଇ ଏକ ସଚେତନତାଭିତ୍ତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ମାଲଗାଡ଼ି ଧକ୍କାରେ ଜଣେ ମୃତ

**ରାଉରକେଲା,୨୩।୧୧(ସଙ୍ଗୀତା ଜେନା)**

ରାଉରକେଲା ଆଇଡ଼ିସି ନିକଟରେ ଗୁରୁବାର ମଧ୍ୟାହ୍ନରେ ରେଳଧାରଣା ଅତିକ୍ରମ କରୁଥିବା ବେଳେ ମାଲଗାଡ଼ି ଧକ୍କା ଦେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଆଇଡ଼ିସି ବସ୍ତିର ଫୁଲେଶ୍ୱର ବିଶ୍ୱକର୍ମା(୬୮)। ଜିଆରପି ପୋଲିସ ମୃତଦେହ ଜବତ କରି ମର୍ଗରେ ରଖିଛି। ଏ ନେଇ ଅପମୃତ୍ୟୁ ମାମଲା (ନଂ.୭୮/୨୩) ରୁଜୁ କରି ତଦନ୍ତ ଚାଲିଛି।

# ଔଷଧ ଗୋଦାମରେ ଅଗ୍ନିକାଣ୍ଡ

**ବୌଦ୍ଧ,୨୩।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟର ଔଷଧ ଗୋଦାମରେ ଗତ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ବହୁ ଔଷଧ ପୋଡି ନଷ୍ଟ ହୋଇଯାଇଛି। ବିଦ୍ୟୁତ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଔଷଧ ଗୋଦାମ ଗୃହରୁ ଧୂଆଁ ଉଠିବା ଦେଖି ମେଡିକାଲ କର୍ତ୍ତୃପକ୍ଷ ବୌଦ୍ଧ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ମେଡିକାଲରେ ପହଞ୍ଚି ଗୋଦାମରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଡିପ୍ ଫ୍ରିଜର, ଏସି, ବହୁ ଇଞ୍ଜେକ୍ସନ ଓ ଔଷଧ ପୋଡି ଯାଇଥିବା ଦେଖିବାକୁ ମିଳିଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ରଙ୍କୁ ପଚାରିବାରେ ବହୁ ଔଷଧ ପୋଡି ନଷ୍ଟ ହୋଇଛି, ବର୍ତ୍ତମାନ ତାହାର ଆକଳନ ଚାଲିଛି ବୋଲି ପ୍ରକାଶ କରିଛନ୍ତି।



# ଅଟୋ ଓଲଟିବା ଘଟଣା, ଗୁରୁତରଙ୍କ ମୃତ୍ୟୁ

**ରାଉରକେଲା,୨୩।୧୧(ସଙ୍ଗୀତା ଜେନା)**

ଝିରପାଣି ଥାନା ଅନ୍ତର୍ଗତ କୋଏଲ ନଗର ହନୁମାନ ମନ୍ଦିର ସମ୍ମୁଖରେ ବୁଧବାର ଅପରାହ୍ନରେ ଅଟୋ ଓଲଟିବା ଘଟଣାରେ ଜଣେ ଗୁରୁତର ବ୍ୟକ୍ତିଙ୍କ ବିଳମ୍ବିତ ରାତିରେ ଆଇଜିଏଚ୍‌ରେ ମୃତ୍ୟୁ ହୋଇଛି। ମୃତକ ହେଲେ ହାତୀବାରି ଅଞ୍ଚଳର ସୁଖଲାଲ ଲାଖୁଆ (୫୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୧୮/୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ହାତୀବାରି ଅଞ୍ଚଳରୁ ସେକ୍ଟର–୬ରେ ରହୁଥିବା ଜଣେ ସମ୍ପର୍କୀୟଙ୍କୁ କବର ଦେବା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ୨ଶିଶୁ ସମେତ ୧୦ ଜଣ ଏକ ଅଟୋରେ ଯାଇଥିଲେ। ସେଠାରେ କାମ ସାରି ସେମାନେ ହାତୀବାରି ଫେରୁଥିବା ବେଳେ କୋଏଲ ନଗରରେ ଉକ୍ତ ଅଟୋ ଓଲଟି ପଡିଥିଲା। ଏହି ଦୁର୍ଘଟଣାରେ ସୁଖଲାଲ ଗୁରୁତର ହୋଇଥିବା ବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିଲେ। ଝିରପାଣି ଥାନା ପିସିଆର ଭ୍ୟାନ୍ ଆହତମାନଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲା।

### ଅସହାୟଙ୍କ ବିବାହ କରାଇଲେ ଗ୍ରାମବାସୀ

**ଲୋଇସିଂହା,୨୩।୧୧(ସୁଶାନ୍ତ ବାରିକ)**

ଲୋଇସିଂହା ରାମ ମନ୍ଦିରରେ ଏକ ଆଦର୍ଶ ବିବାହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ହୀରାପୁର ପଞ୍ଚାୟତ ପନେସରା ଗ୍ରାମର ଅସହାୟ ଯୁବତୀ ସେବତୀଙ୍କୁ ସହ ବରଗଡ ଜିଲା ବାଏଲଜୁରୀ ନିକଟସ୍ଥ ନନ୍ଦକ୍ରିଆର ସୁମନ୍ତ ସାହୁଙ୍କ ବିବାହ ଅନୁଷ୍ଠିତ ହୋଇଛି। ଅଗ୍ନିକୁ ସାକ୍ଷୀ ରଖି ସାତଜନ୍ମର ସାଥୀ ପାଲଟିଛନ୍ତି ସେବତୀ ଓ ସୁମନ୍ତ। ପନେସରା ଗ୍ରାମବାସୀ ସେବତୀଙ୍କ ବିବାହ କରାଇଛନ୍ତି। ପନେସରା ଗ୍ରାମର ଟିକନୁ ବିଶ୍ୱାଳ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ସ୍ତ୍ରୀ ଛେନାବେଟିଙ୍କ ଗର୍ଭରୁ ବୃଷବ ଓ ସେବତୀ ଜନ୍ମ ହୋଇଥିଲେ। ବୃଷବ ବିବାହ ପରେ ଅନ୍ୟତ୍ର ରହୁଛନ୍ତି। ବିବାହଯୋଗ୍ୟ ହୋଇଥିଲେ ବି ବିଭିନ୍ନ କାରଣରୁ ସେବତୀଙ୍କର ବିବାହ ହୋଇ ପାରୁ ନ ଥିଲା। ୨ସପ୍ତାହ ତଳେ ସୁମନ୍ତଙ୍କ ଘରୁ ବିବାହ ପ୍ରସ୍ତାବ ଆସିଥିଲା । ଏହାପରେ ଗ୍ରାମବାସୀ ବିବାହ ପାଇଁ ଆବଶ୍ୟକ ସହଯୋଗ ଦେବାକୁ ଆଗେଇ ଆସିଥିଲେ। ବିନା ଯୌତୁକରେ ବିବାହ କରିବାକୁ ସହମତି ଦେଇଥିଲେ ସୁମନ୍ତ ଏବଂ ତାଙ୍କ ପରିବାର ଲୋକେ। କାର୍ତ୍ତିକ ଏକାଦଶୀ ନଭେମ୍ବର ୨୩ରେ ବିବାହ ସ୍ଥିର ହୋଇଥିଲା। ଗ୍ରାମବାସୀ ମନ୍ଦିରରେ ଉପସ୍ଥିତ ରହି ସେବତୀଙ୍କୁ ବଧୂବେଶରେ ସଜାଇ ବରର ଆଗମନକୁ ଅପେକ୍ଷାରତ ଥିଲେ। ବର ଆସିବା ପରେ ହିନ୍ଦୁ ରିତୀନୀତିରେ ବିବାହ ସମ୍ପନ୍ନ ହୋଇଥିଲା। ଗ୍ରାମର କୁଶ ସାହୁ ଓ ତାଙ୍କ ସ୍ତ୍ରୀ କନ୍ୟାଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ ଓ ଗ୍ରାମବାସୀ ସହାୟତାର ହାତ ବଢାଇଥିଲେ।

# ବାଉଁଶୁଣୀରେ ବ୍ଲକସ୍ତରୀୟ ବିଜ୍ଞାନମେଳା

**ବିନିକା,୨୩।୧୧(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ ଦଧିବାମନ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାରେ ମୁଖ୍ୟଅତିଥି ଭାବେ ଅତାବିରା ବ୍ଲକ ଝିଲମିଲା ହାଇସ୍କୁଲର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଧର୍ମରାଜ ପଧାନ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟନାରାୟଣ ପାଣିଗ୍ରାହୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବାଉଁଶୁଣୀ ସରପଞ୍ଚ ରିନା ମହଲା, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦେହେରି ଯୋଗ ଦେଇଥିଲେ। ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୯୫ଜଣ କୁନି ବୈଜ୍ଞାନିକ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ସୁରେଶ କୁମାର ନାୟକ, ମୁନୁ ସାହୁ, ସଲିଲ କୁମାର ସାହୁ, ପ୍ରତ୍ୟୁଷ କୁମାର ସାହୁ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ଲକ୍ଷ୍ମଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିନିକା ବ୍ଲକ ଉପାଧ୍ୟକ୍ଷ ନିର୍ମଳ ଷାଣ୍ଢ, ସମ୍ମାନିତ ଅତିଥି ଭାବେ ବିନିକା ହାଇସ୍କୁଲର ପ୍ରଧାନଶିକ୍ଷକ ନୀଳାଞ୍ଚଳ ମେହେର, ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦେହେରି, ରାଧାମୋହନ ହୋତା, ଜୟନାରାୟଣ ମେହେର ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା କୁନି ବୈଜ୍ଞାନିକମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚରଦା କ୍ଲଷ୍ଟର ସିଆରସିସି ଜୟନାରାୟଣ ପୂଝାରି ଧନ୍ୟବାଦ ଅର୍ପଣ କରିଥିଲେ।


ମୁଖ୍ୟ ଅତିଥି ଫିତାକଟି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

# ପୁରୁଷ ବନ୍ଧ୍ୟାକରଣ ସଚେତନତା ରଥ ଶୁଭାରମ୍ଭ


ବୀରମହାରାଜପୁର ଡାକ୍ତରଖାନାରେ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ଅମରପାଲି,୨୩।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରୁ ପୁରୁଷ ବନ୍ଧ୍ୟାକରଣ ସଚେତନତା ପକ୍ଷ ପାଳନ ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଚିକିତ୍ସାଳୟ ପରିସରରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼ା. ସଞ୍ଜୟ ମହାପାତ୍ର ଯୋଗଦେଇ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଯୁଏଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରଥ ୨୧ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଗାଁ ଗାଁ ବୁଲି ପୁରୁଷ ବନ୍ଧ୍ୟାକରଣ ଉପରେ ସଚେତନ କରିବ। ଏଥିସହିତ ୨୮ ତାରିଖରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ସେବା ପ୍ରଦାନ ସପ୍ତାହ ହିସାବରେ ପାଳନ କରାଯିବ । କାର୍ଯ୍ୟକ୍ରମ ରେ ଆୟୁଷ ଡା. ପ୍ରଣବ ମହାପାତ୍ର, ବିପିଏମ ମହେନ୍ଦ୍ର ମିଶ୍ର, ବିଏଏମ ଅବିନାଶ ହୋତା, ନିରଞ୍ଜନ ମିଶ୍ର, ବିଦ୍ୟୁତ୍ ଖମାରୀଙ୍କ ସହିତ ଉପଖଣ୍ଡ ଡାକ୍ତରଖାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ପୁରୁଷ ବନ୍ଧ୍ୟାକରଣ ଯୋଜନାରେ ସାମିଲ ହେଲେ ସରକାରଙ୍କ ତରଫରୁ ହିତାଧିକାରୀମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ଜଣାଯାଇଛି ।

# ଭାଜପାର ଜନ ଆକ୍ରୋଶ ସମାବେଶ

**କୁଆଁରମୁଣ୍ଡା,୨୩।୧୧(ମହେନ୍ଦ୍ର କୁମାର ସାହୁ)**

ବିଜେଡି ସରକାର କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନଗୁଡ଼ିକୁ ନିଜର ଯୋଜନା ବୋଲି କହି ସାଧାରଣ ଲୋକଙ୍କୁ ଭୂଆଁବୁଲାଇ ଚାଲିଛି। ଏହାସହ ଭାଜପା ବିଧାୟକଙ୍କ ପାଣ୍ଠିରେ କରାଯିବାକୁ ଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକ ସରକାରୀ ଦଳର ଚାପରେ ଅଣଦେଖା କରାଯାଉଛି ବୋଲି ଗୁରୁବାର କୁଆଁରମୁଣ୍ଡା ବ୍ଲକ ସମ୍ମୁଖରେ ଅନୁଷ୍ଠିତ ଭାଜପାର ଜନ ଆକ୍ରୋଶ ସମାବେଶରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଉପରୋକ୍ତ ମତବ୍ୟକ୍ତ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକ, ଶଙ୍କର ପୁଝାରୀ, ଅରୁଣ ପାଣିଗ୍ରାହୀ, ଶଶାଙ୍କ ଜେନା, ସଞ୍ଜୀବ ପ୍ରତାପ ସିଂଦେଓ, ବୁଲୁ ଚାନ୍ଦ, ସୁନିଲ ତିୱାରୀ, ଭୋଲାନାଥ ସାହୁ, ଜିଲା ଯୁବ ମୋର୍ଚ୍ଚା ସଭାପତି କମଲେଶ ଶାହା, ନାରୀ ନେତ୍ରୀ ରିନା ମେହେର, ମୋତିଲାଲ ବଡାଇକ, ବସନ୍ତ ଓରାମ, ଭବାନୀ ପଣ୍ଡା, ଲକ୍ଷ୍ମୀଧର ସାହୁ ପ୍ରମୁଖଙ୍କ ସହ ହଜାରେରୁ ଊର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ।


ସମାବେଶରେ ବିଧାୟକ ଶଙ୍କର ଓରାମ ଲୋକଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

# ଉପଖଣ୍ଡସ୍ତରୀୟ କୃଷିମେଳା ଉଦ୍‌ଘାଟିତ

**ଟିଟିଲାଗଡ଼,୨୩।୧୧(ଶରତ ମିଶ୍ର)**

ଟିଟିଲାଗଡ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଆଭାସି ଯୋଗେ ଏହି ତିନିଦିନ ବ୍ୟାପୀ ମେଳାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟକୁ କୃଷି କ୍ଷେତ୍ରରେ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର କୃଷି ବଜେଟ ବ୍ୟବସ୍ଥା କରିଛନ୍ତି। ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ଅନେକ ନୂତନ ଜଳସେଚନ ପ୍ରକଳ୍ପ ହରିତକ୍ରାନ୍ତି ଆଣିବ ବୋଲି ମନ୍ତ୍ରୀ ନିଜ ଉଦ୍‌ବୋଧନରେ କହିଥିଲେ। ଚାଷୀ ପରିବାର କୃଷିର ଆଧୁନିକୀକରଣ ବ୍ୟବସ୍ଥାକୁ ଆପଣାଇ ଲାଭାନ୍ୱିତ ହୁଅନ୍ତୁ ବୋଲି ଆହ୍ୱାନ କରିଥିଲେ। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମେଳାରେ ୩୨ଟି ଷ୍ଟଲ ଜରିଆରେ ୫ଶହରୁ ୨୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରାଂଶ ପ୍ରଦର୍ଶିତ ହେଉଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାଶ ବେହେରା ନିଜ ଉଦ୍‌ବୋଧନରେ ଅବଗତ କରିଥିଲେ। ଜିଲା ମୁଖ୍ୟାଳୟ ଡବ୍ଲୁଇଓ ସୁଧାକର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝି, ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ପିକେ ଭଞ୍ଜ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ଲାସା ମୁର୍ମୁ, ଏଇଇ ଶରତ ବେହେରା, ଏଇଇ ପ୍ରୀୟଙ୍କା ବେହେରା, ଏଇ ପ୍ରଦୀପ ଶତପଥି, ଟିଟିଲାଗଡ କୃଷି ଜିଲା ଅଧିକାରୀ ଲାଲବିହାରି ମଲ୍ଲିକ, ବ୍ଲକ କୃଷି ଅଧିକାରୀ ରିତିକ ରାୟ, ଆତ୍ମା ଅଧକ୍ଷ ମନୋଜ ପାଢୀ, ବିଟିଏମ ବ୍ରଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।


କୃଷି ମେଳାରେ ମଞ୍ଚାସୀନ ଅଧିକାରୀ ଏବଂ ଆଭାସି ଜରିଆରେ ମନ୍ତ୍ରୀ ଉପସ୍ଥିତ ଅଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁର ଲିଟିଲ ମିସ ଓ ଲିଟିଲ ମାଷ୍ଟର, ଗଙ୍ଗାଧର ମଣ୍ଡପ, ଅପରାହ୍ନ ୫ଟା
- ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା
- ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା, ହାୱା ମଇଦାନ, ସକାଳ ୮ଟା
- ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ,ବୁର୍ଲା ଫୁଟ୍‌ବଲ ପଡିଆ, ସକାଳ ୮ଟା
- କାର୍ତ୍ତିକ ପୂଜାରେ କୀର୍ତ୍ତନ କାର୍ଯ୍ୟକ୍ରମ, ହାଟପଡ଼ା, ସନ୍ଧ୍ୟା ୭ଟା

## ସଂକ୍ଷେପରେ

### ପ୍ରାକୃତିକ ଚାଷକ୍ଷେତ୍ର ପରିଦର୍ଶନ କଲେ ଛାତ୍ରୀଛାତ୍ର

**କୁତ୍ରା,୨୩।୧୧(ଦେବାଶିଷ ସାହୁ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ରାଜାବସା ଗ୍ରାମରେ କରାଯାଇଥିବା କିଷାନ ସାଥି ଫାଉଣ୍ଡେଶନ ଦ୍ୱାରା ପ୍ରାକୃତିକ ଚାଷ କ୍ଷେତ୍ର ଏଗ୍ରୋ ପଲିଟେକନିକ ସେଣ୍ଟର ରାଉରକେଲା ଓୟୁଏଟିର ପ୍ରିନସିପାଲ ଲିଙ୍ଗରାଜ କିଷାନଙ୍କ ନେତୃତ୍ୱରେ ୩୬ ଜଣ ଛାତ୍ରୀଛାତ୍ର ଆସି ପରିଦର୍ଶନ କରିଛନ୍ତି। ପ୍ରାକୃତିକ ଉପାୟରେ ତଥା ବିନା ରାସାୟନିକ ସାର ଓ କିଟନାଶକ ପ୍ରୟୋଗ କରା ନ ଯାଇ କରା ଯାଇଥିବା ହରଡ, ଗଙ୍ଗେଇ,ସୋରିଷ,ଅମୃତଭଣ୍ଡା ଇତ୍ୟାଦି ଚାଷକୁ ଗ୍ରାମର ଚାଷୀ ଏମାନ ବୁଡ଼ ଏବଂ ମନୋହର ଢୁଙ୍ଗଢୁଙ୍ଗ ଉକ୍ତ ଚାଷ କ୍ଷେତ୍ରକୁ ବୁଲାଇ ଦେଖାଇ ଥିଲେ ଓ ପ୍ରାକୃତିକ ଚାଷ ସମ୍ବନ୍ଧିୟ ତଥ୍ୟ ପ୍ରଦାନ କରିଥିଲେ। କିଷାନ ସାଥି ଫାଉଣ୍ଡେଶନ ସଭାପତି ଅମୂଲ୍ୟ ପ୍ରତାପ ଲାକ୍ରା ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ଚାଷ ସମ୍ବନ୍ଧରେ ଅଧିକ ତଥ୍ୟ ପ୍ରଦାନ କରିଥିଲେ।

### ୨୬ରେ ଭଲିବଲ ଦଳ ଚୟନ ଶିବିର

**ବରଗଡ଼,୨୩।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଲିବଲ ଦଳ ପାଇଁ ଚୟନ ଶିବିର ଆସନ୍ତା ୨୬ତାରିଖ ସକାଳ ୭ଟା ସମୟରେ ହେବ। ବରଗଡ଼ ବିକାଶ ସ୍କୁଲସ୍ଥିତ ଭଲିବଲ ପଡ଼ିଆରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ। ଏଥିରେ ଭାଗ ନେବା ପାଇଁ ଇଚ୍ଛୁକ ଥିବା ଖେଳାଳିମାନେ ନିଜର ପାସ୍‌ପୋର୍ଟ ସାଇଜ ଫଟୋ ଏବଂ ଆଧାର କାର୍ଡ଼ ସହିତ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ର ଏବଂ ଆଉଟଡୋର୍ ଗେମ୍ସ ସମ୍ପାଦକ ସୁରେଶ ଦାଶ ଜଣାଇଛନ୍ତି।

### ଅଁଳା ନବମୀରେ ରାଧାପାଦ ଦର୍ଶନ

**ସମ୍ବଲପୁର,୨୩।୧୧ (ଭବାନୀ ଶଙ୍କର ଭୋଇ):** ରୁପାପାଲି ନିକଟ ରାଧାକୃଷ୍ଣ ମନ୍ଦିର ପରିସରରେ କାର୍ତ୍ତିକ ଶୁକ୍ଳପକ୍ଷ ନବମୀ ତିଥିରେ ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ପବିତ୍ର ଅଁଳା ନବମୀ ତଥା ରାଧା ପାଦ ଦର୍ଶନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ କମିଟି ଆବାହକ ନାରାୟଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ପରିବାର ସହ ଯୋଗଦେଇ ଅବସର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ସ୍ଥାନୀୟ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମକୀର୍ତ୍ତନ କରାଯାଇଥିଲା। ମାମାଲି ପଟ୍ଟନାୟକ ଓ ଜୁଜୁଲି ସାହୁଙ୍କ ଦ୍ୱାରା ବିଭିନ୍ନ ରଙ୍ଗର ମୁରୁଜରେ ରାଧା ପାଦ ଅଙ୍କନ କରାଯାଇଥିଲା। ବରିଷ୍ଠ ନାଗରିକ ସଦାନନ୍ଦ ସାନବର୍ଷା, ନିର୍ମଳ କୁମାର ମାଇତି, ରାମ ନାରାୟଣ ସେଠ୍, ଧନେଶ୍ୱର ମେହେର, କୈଳାଶ ମିସ୍ତ୍ରି, ନରେନ୍ଦ୍ର ମେହେର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବିଇଓଙ୍କୁ ଦାବିପତ୍ର ଦେଲେ ଅଭିଭାବକ, ଗ୍ରାମବାସୀ

**କୋକସରା,୨୩।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

ରାଜ୍ୟ ସରକାର କମ ଉପସ୍ଥାନ ଥିବା ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ସେହି ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ନିକଟବର୍ତ୍ତୀ ବିଦ୍ୟାଳୟରେ ପଢିବା ପାଇଁ ୨୦୨୧ରେ ବିଜ୍ଞପ୍ତି କରିଥିଲେ। ଏହି ନିୟମାନୁସାରେ କୋକସରା ଗୋଷ୍ଠି ଶିକ୍ଷା ବିଭାଗ ଖୁଣ୍ଟିଆ ପଞ୍ଚାୟତ ଅନ୍ତର୍ଗତ ବାରବଖରା ପ୍ରାଥମିକ ବିଦ୍ୟାଳୟ ମଧ ବନ୍ଦ ହୋଇଥିଲା। ସ୍କୁଲର ପିଲାଙ୍କୁ ଧରୁଆପଡା ପ୍ରାଥମିକ ବିଦ୍ୟାଳୟରେ ସ୍ଥାନାନ୍ତର କରାଯାଇଥିଲା। ତେବେ ଏବେ ବାରବଖରାର ୧୯ଜଣ ଛାତ୍ରୀଛାତ୍ର ରହିଛନ୍ତି। ବାରବଖରା ଗାଁରୁ ବିଦ୍ୟାଳୟ ୨.୫ କି.ମି. ରହିଥିବା ବେଳେ ଜଙ୍ଗଲ ରାସ୍ତା ଦେଇ ଛାତ୍ରୀଛାତ୍ରମାନେ ଯିବାଆସିବା କରୁଛନ୍ତି। ସ୍କୁଲ ଯିବା ରାସ୍ତାରେ ଅନେକ ସମୟରେ ବୁଲା କୁକୁର ଓ ପାହାଡ଼ ନିକଟରେ ଭାଲୁ ଚଳ ପ୍ରଚଳ କରୁଥିବା ବେଳେ ଅଭିଭାବକମାନେ



ଗ୍ରାମବାସୀ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପିଲାଙ୍କୁ ସ୍କୁଲ ପଠାଇବାକୁ ସୁରକ୍ଷିତ ମନେ କରୁନାହାନ୍ତି। ଏ ନେଇ ଗୁରୁବାର ବାରବଖରାର ଅଭିଭାବକ ଓ ଗ୍ରାମବାସୀ କୋକସରା ବିଇଓ ରଶ୍ମିତା ନେତାମଙ୍କୁ ସାକ୍ଷାତ କରି ବନ୍ଦ ରହିଥିବା ବିଦ୍ୟାଳୟକୁ ପୁଣି ଖୋଲିବାକୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରଦାନ ସମୟରେ ବାଳକୃଷ୍ଣ ମେହେର, ରମେଶ ମେହର, ରୋହିତ ମେହେର, ଅକ୍ରୁର ମେହେର, ରୁପେନ୍ଦ୍ର ସୁନାନୀ, ଲଛମାନ ଧରୁଆ, ଉଗ୍ରେ ଧରୁଆ, ଗଗନେ ଧରୁଆ,ଡିଙ୍ଗର ଧରୁଆ, କ୍ଷିତିରାମ ମେହେର ପ୍ରମୁଖ ଅଭିଭାବକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଇଓଙ୍କ ପ୍ରତିକ୍ରିୟା ନେବାରୁ ଗ୍ରାମବାସୀଙ୍କ ଅଭିଯୋଗ ଆମେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇବୁ ଉଚ୍ଚ ଅଧିକାରୀ ଯାହା ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଧାନ ବୋଝେଇ ମିନିଟ୍ରକ୍ ଜବତ, ୩୦ ହଜାର ଜରିମାନା

**କୁଚିଣ୍ଡା,୨୩।୧୧(ବିରଞ୍ଚି ଦର୍ଲା)**

କୁଚିଣ୍ଡାରେ ଧାନ ମଣ୍ଡି ଆରମ୍ଭ ହୋଇ ନ ଥିବାବେଳେ ଚାଷୀ ଦଲାଲଙ୍କ ଦ୍ୱାରା ଅଭାବୀ ବିକ୍ରିର ଶିକାର ହେଉଛନ୍ତି। କୁନ୍ତରାରୁ ଏକ ଧାନ ବୋଝେଇ ମିନିଟ୍ରକ୍ କୁଚିଣ୍ଡା ଆସୁଥିବା ସମୟରେ ଗୁରୁବାର ପ୍ରଶାସନ ପକ୍ଷରୁ ଜବତ କରାଯାଇ ଗାଡ଼ି ମାଲିକଙ୍କୁ ୩୦ ହଜାର ଟଙ୍କା ଜରିମାନା କରାଯାଇଛି। ସୂଚନା ଅନୁଯାୟୀ, କୁନ୍ତରାରୁ ଏକ ମିନି ଟ୍ରକ୍ (ନଂ.ଓଆର୍୧୫ଇ-୮୨୬୯)ରେ ଧାନ ଲୋଡ୍‌କରି କୁଚିଣ୍ଡା ପଟକୁ ଆସୁଥିଲା। ଏ ସମ୍ପର୍କରେ ସୂଚନା ମିଳିବା ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଡେପୁଟି କଲେକ୍ଟର ଲୋଚନ ଶବର, ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁ ଓ ଯୋଗାଣ ନିରୀକ୍ଷକ ପ୍ରସନ୍ନ ଦେହୁରି ପ୍ରମୁଖ ଚଢ଼ାଉ କରି ଗାଡ଼ିକୁ ତେଲିତିଲେଇମାଲ ନିକଟରେ ଧରିଥିଲେ। ଗାଡ଼ିରେ ପ୍ରାୟ ୧୫୦ ବସ୍ତା



ଜବତ ଧାନ ବୋଝେଇ ଟ୍ରକ୍।

ଧାନ ରହିଥିବା ବେଳେ ଆନୁମାନିକ ୭୫ କୁଇଣ୍ଟାଲ ଧାନ ହେବ। ତେବେ ଯାଞ୍ଚ ବେଳେ ଗାଡ଼ିର ଡ୍ରାଇଭର ଧାନ ପରିବହନ ପାଇଁ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ।ଏଣୁ ଗାଡ଼ିକୁ ପ୍ରଶାସନିକ ଅଧିକାରୀ ମାନେ ଜବତ କରି ନିକଟସ୍ଥ ମା' ମଙ୍ଗଳା ରାଇସ ମିଲ ମାଲିକଙ୍କୁ ଜିମା ଦେଇଥିବା ବେଳେ ଗାଡ଼ି ମାଲିକଙ୍କୁ ୩୦ ହଜାର ଟଙ୍କା ଜରିମାନା କରିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା

**ଦେବଗଡ଼, ୨୩।୧୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ତିଲେଇବଣି ବ୍ଲକ ପ୍ରଭାଶୁଣି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱ ଓ ସିଆରସିସି ପ୍ରାଣବନ୍ଧୁ ଘଡେଇଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ବିଜ୍ଞାନ ନିରୀକ୍ଷିକା ଇପସିତା ପଟ୍ଟନାୟକ, ତିଲେଇବଣି ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ, ସୁଶାନ୍ତ କୁମାର ସାହୁ, ବିଦ୍ୟାଧର ସାହୁ ଓ ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ଡକ୍ଟର ଗୀତାଞ୍ଜଳି ଭୋଇ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ




ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

### ୧୦୧ ପ୍ରକଳ୍ପ ପ୍ରଦର୍ଶିତ

କରିଥିଲେ। ଏହି ମେଳାରେ ତିଲେଇବଣି ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୨୪ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୧୦୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡକ୍ଟର ପ୍ରଦୀପ କୁମାର ମିଶ୍ର ଓ ପ୍ରାଣୀ ବିଜ୍ଞାନ ବିଭାଗ ଅଧାପକ ବିଭୂତି ଭୂଷଣ ମହାପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରାହାସ ବିହାରୀ ମାଝି ଓ ସୁନାମୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୁଃଖବନ୍ଧୁ ଭୁକ୍ତା ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ବିଭାଗରେ ୧୦ ପ୍ରକଳ୍ପ ଓ କନିଷ୍ଠ ବିଭାଗରୁ ୫ ପ୍ରକଳ୍ପ ମନୋନୀତ ହୋଇ ଜିଲାସ୍ତରୀୟ ପ୍ରଦର୍ଶନୀ ମେଳା ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିଲା। ଅପରାହ୍ନରେ ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ଶିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱ ଓ ସିଆରସିସି ପ୍ରାଣବନ୍ଧୁ ଘଡେଇଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାଣୀ ବିଜ୍ଞାନ ବିଭାଗ ଅଧାପକ ବିଭୂତି ଭୂଷଣ ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ ଓ ସୁଶାନ୍ତ କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

**ଦେବଗଡ, ୨୩।୧୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଳ ଗ୍ରାମରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଣ୍ଢେଳ ସରପଞ୍ଚ ସବିତା ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବଗଡ଼ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯାମୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ୟାନ ବିଭାଗରେ ଚାଷୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଜାତୀୟ ଉଦ୍ୟାନ କୃଷି ମିଶନ ସମେତ ଆଳୁ, ପିଆଜ ଓ ମସଲା ମିଶନ ଏବଂ ଏସଏଚଜି ମହିଳାଙ୍କୁ ଯୋଗାଇ ଦିଆଯାଉଥିବା ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ଦୀପ୍ତିମୟୀ ଗଡନାୟକ, ବାରକୋଟ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରତାପ ସୁନାନୀ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ଶହେ ଚାଷୀ ଓ ଏସ୍‌ଏଚଜି ମହିଳା ସାମିଲ ହୋଇଥିଲେ।

# ସମନ୍ୱିତ ଯୁବ ବିକାଶ ହିଁ ରାଷ୍ଟ୍ର ଉନ୍ନତିର ଆଧାର

**ରାଉରକେଲା,୨୩।୧୧(ଦିନେଶ ମିଶ୍ର)**

ଓଡିଶା ସରକାରଙ୍କ ସମନ୍ୱିତ ବିକାଶ ଯୋଜନାକୁ ଠିକ୍ ରୂପେ କାର୍ଯ୍ୟକାରୀ କରାଯିବା ଉଦ୍ଦେଶ୍ୟରେ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ସପ୍ତାହ ବ୍ୟାପୀ ଖେଳକୁଦ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟ ସମୂହ ମହାବିଦ୍ୟାଳୟର ଅଧ୍ୟକ୍ଷ ପରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ଛାତ୍ର ପ୍ରୟାସ ପ୍ରୀତିରଞ୍ଜନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡା. ଅଜୟ କୁମାର ମିଶ୍ର ଶୃଙ୍ଖଳିତ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଯୁକ୍ତ ୩ ବିଭାଗର ସଂଯୋଜକ ତଥା ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡା. ସନାତନ ପ୍ରଧାନ ଯୋଗଦେଇ ଶାରିରୀକ, ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରଗତିରେ ଏହି ଯୋଜନା ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଡା. ପ୍ରକାଶ କର ସମନ୍ୱିତ ଯୁବ ବିକାଶ ପାଇଁ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଯୁକ୍ତ ୨ ବିଭାଗର ସଂଯୋଜକ ବିଜୟ ପାଢୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ମତପ୍ରକାଶ କରିଥିଲେ। ଏହି କ୍ରୀଡ଼ା ଉତ୍ସବକୁ ଆକାଶ ଦାସ, ଭୂପେଲ ପଟେଲ, ପ୍ରିୟଙ୍କା ମହାନ୍ତି, ନୀତୁ ସେଠ, ଭାଗ୍ୟଲକ୍ଷ୍ମୀ ବେହେରା, ଚନ୍ଦ୍ରଲେଖା ପଣ୍ଡା, ସୁଧୀର ତିର୍କୀ, ମମତା ଚା. ମହାଶ୍ୱେତା ମହାପାତ୍ର, ପ୍ରଜ୍ଞା ମହାପାତ୍ର, ଦୀପ୍ତିରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସତ୍ୟ ନାରାୟଣ ରାଉତ ଖେଳକୁଦ କାର୍ଯ୍ୟକ୍ରମରେ ଯୋଜନା ଉପସ୍ଥାପନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜିକା ଡ. ଦିବ୍ୟକାନ୍ତି ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ପରିବେଶ, ଖଣିଜ ସମ୍ବର୍ଦ୍ଧିତ ସଚେତନତା କାର୍ଯ୍ୟକ୍ରମ

**ଟେନ୍‌ସା,୨୩।୧୧(ସମୀର କୁମାର ପାଢୀ)**

ଭୁବନେଶ୍ୱରସ୍ଥିତ ସୋସାଇଟି ଅଫ୍ ଜିଓ ସାଇଣ୍ଟିଷ୍ଟ ଆଣ୍ଡ ଆଲାଇଡ୍ ଟେକ୍ନୋଲୋଜିଷ୍ଟ (ଏସଜିଏଟି)ଙ୍କ ତତ୍ତ୍ୱାବଧାନରେ ନଭେମ୍ବର ୨୨ରେ ଟେନସାରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଟିଆରବି ଆଇରନ୍ ମାଇନ୍ସରେ ପରିବେଶ ଓ ଖଣିଜ ସମ୍ବର୍ଦ୍ଧିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ୧୮ଟି ବିଦ୍ୟାଳୟର ଛାତ୍ର ଏବଂ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥିଭାବେ କୋଇଡା ଖଣି ଉପନିର୍ଦ୍ଦେଶକ ଅଶିତ ବେହେରା ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କୋଇଡା ଖଣି ଅଫିସର ବସନ୍ତ କୁମାର ସାହୁ, ଭଞ୍ଜ କିଶୋର ସା, ଗୋକୁଳା ନନ୍ଦ ବେହେରା, ଗଣେଶ ପରିଡା, ଜିନ୍ଦଲ ଟିଆରବି ଖଣି ମ୍ୟାନେଜର ଅଭିମନ୍ୟୁ ସାମଲ, ଜିଓଲୋଜିଷ୍ଟ ସଞ୍ଜୟ




କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ଛାତ୍ରଙ୍କ ମଧ୍ୟରେ ଏପରି ଅଭିନବ ଓ ଆକର୍ଷଣୀୟ କାର୍ଯ୍ୟକ୍ରମ ତଥା ଏହି ଅଞ୍ଚଳର ସାମଗ୍ରିକ ବିକାଶରେ ଅବଦାନ ପାଇଁ କୋଇଡା ଖଣି ଉପନିର୍ଦ୍ଦେଶକ ଅଶିତ ବେହେରା ଏସଜିଏଟିକୁ ପ୍ରଶଂସା କରିଥିଲେ। ଖଣି ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଖଣିଜ ପଦାର୍ଥର ମହତ୍ତ୍ୱ ତଥା ଏହାର ଆଖପାଖ ପରିବେଶ ବିଷୟରେ ଜାଣିବା ତଥା ସଚେତନ ହେବା ପାଇଁ ଏସଜିଏଟି ମାଧ୍ୟମରେ ଓଡିଶା ସରକାରଙ୍କ ଏଭଳି ଉଦ୍ୟମକୁ ପ୍ରଶଂସନୀୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏସଜିଏଟି ସାଧାରଣ ସମ୍ପାଦକ ତ୍ରିଲୋଚନ ମହନ୍ତ, ତାପସ କୁମାର ରଥ ପ୍ରତିନିଧିତ୍ୱ କରିଥିଲେ। ପରିବେଶ ଓ ଖଣିଜ ସମ୍ବର୍ଦ୍ଧିତ ସଚେତନତା କାର୍ଯ୍ୟକ୍ରମ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲେଖା, କୁଇଜ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଜିନ୍ଦଲ ଷ୍ଟିଲ ପାୱାର ଟିଆରବି ଖଣି ମ୍ୟାନେଜର ଏସ୍‌ପି ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ।

# ଅଭିଯୋଗ ଶୁଣାଣିର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**କୁଚିଣ୍ଡା,୨୩।୧୧(ବିରଞ୍ଚି ଦର୍ଲା)**

### ତପନ ଭୋଇ ମୃତ୍ୟୁ ମାମଲା

ମହୁଲପାଲି ଥାନା ଅନ୍ତର୍ଗତ ଛତିଶଗଡ ଗ୍ରାମର ତପନ ଭୋଇଙ୍କ ମୃତ୍ୟୁ ଘଟଣା ନେଇ ପରିବାର ସହ ଗ୍ରାମବାସୀ ବାମରାଠାରେ ହୋଇଥିବା ଜନ ଅଭିଯୋଗ ଶୁଣାଣିର ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତରେ କୁଚିଣ୍ଡା ଉପଜିଲାପାଳ ବିଭୁତି ଭୂଷଣ ନାୟକ ଅଭିଯୋଗ ଉପରେ ଶୁଣାଣି କରି ଏ ଦିଗରେ ତଦନ୍ତ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଛତିପୋଷ ଗ୍ରାମର ୧୮ବର୍ଷିୟ ତପନ ଭୋଇଙ୍କୁ ଗତ ୨୮ ଜୁଲାଇରେ ଗ୍ରାମର ଦୁଇ ବ୍ୟକ୍ତି ଭୋଜି ଖାଇବାକୁ ଡାକିଥିଲେ। ତପନ ଭୋଜି ଖାଇ ଘରକୁ ଫେରି ରାତିରେ ଶୋଇଥିଲେ। ୨୯ତାରିଖ ସକାଳେ ତାଙ୍କର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାରୁ ପରିବାର ଲୋକେ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବୁର୍ଲା ଭିମସାରକୁ ରେଫର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ରାତିରେ ତପନଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ହୋଇଛି। ବିଷକ୍ରିୟା ଯୋଗୁ ତପନଙ୍କ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯାଇଥିଲା ହେଁ ମହୁଲପାଲି ପୋଲିସ ଚୁପ ବସିଥିବା ମୃତକଙ୍କ ପରିବାର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଭୋଜି ଖାଇବାକୁ ଡାକିଥିବା ଦୁଇ ଜଣଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା ଓ ମହୁଲପାଲି ଥାନାର ଏସ୍‌ଆଇ ଦିଲିପ କୁମାର ବେହେରା ଗ୍ରାମକୁ ଯାଇ ତଦନ୍ତ କରିଥିଲେ ହେଁ ଦୋଷୀଙ୍କୁ ଗିରଫ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମହୁଲପାଲି ଥାନା ଏସ୍‌ଆଇ ଦିଲିପ ବେହେରାଙ୍କୁ ପଚାରିବାରେ ଏସ୍‌ଡିପିଓ ନିଜେ ଘଟଣା ଉପରେ ନଜର ରଖିଛନ୍ତି ବୋଲି କହିଛନ୍ତି।

# ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

**ନୂଆପଡ଼ା,୨୩।୧୧(ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ବେଲଗୁକୁରିଠାରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୂଆପଡ଼ା ବିପିନ ବିହାରୀ ଦୀପ, ସମ୍ମାନିତ ଅତିଥି ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ ଅବସରପ୍ରାପ୍ତ ଅଧକ୍ଷ ଡ଼. ଶିବପ୍ରସାଦ ବେହେରା ଯୋଗଦେଇଥିଲେ। କୃତିତ୍ୱ ହାସଲ କରିଥିବା ୧୦ଟି ପ୍ରକଳ୍ପର ବାଲ ବୈଜ୍ଞାନିକମାନଙ୍କୁ ଜିଲାସ୍ତର ପାଇଁ ଚୟନ କରାଯାଇଛି। ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ଯୋଶୀ ଏବଂ ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରିୟା ସତ୍ୟବତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ



ଉତ୍କଳମଣି ଅଗସ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ଅଧକ୍ଷା ତାରେଶରି ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟା ଉମା ଠାକୁର, ଜିଲା ପରିଷଦ ସଭ୍ୟ ଭାନୁପ୍ରତପ ମାଝି, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ପ୍ରଧାନ ଶିକ୍ଷକ ବିନୋଦ କୁମାର ପାଢ଼ୀ, ଅଶିନୀ କୁମାର ଭୋଇ, ସରପଞ୍ଚ ପୂଜା ଚନ୍ଦ୍ରକାର, ମୋ ସ୍କୁଲ ଅଭିଯାନ ସଭାପତି ମୁକେଶ ଚନ୍ଦ୍ରକାର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ଚନ୍ଦ୍ରକାର, ବରିଷ୍ଠ ନାଗରିକ ଭୋଲାରାମ ଚନ୍ଦ୍ରକାର, ନାରଦ ଚନ୍ଦ୍ରକାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ନୂଆପଡ଼ା ଡ଼. ପ୍ରଦୀପ ସେଠ ଯୋଗଦେଇଥିଲେ।

# ଭାଜପାର ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ଘେରାଉ

**ସମ୍ବଲପୁର,୨୩।୧୧ (ଭବାନୀ ଶଙ୍କର ଭୋଇ)**

ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ନେତୃତ୍ୱରେ ଗୁରବାର ଭାଜପା ପକ୍ଷରୁ ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ମାଳତୀ ଗୁଣ୍ଡେରପୁର ଛକରୁ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସେଠାରେ ହୁମା ମଣ୍ଡଳ ସଭାପତି ଦୁଷ୍ମନ୍ତ ବିଶ୍ୱାଳ ସଭାପତିତ୍ୱରେ ଜନ ଆକ୍ରୋଶ ପ୍ରତିବାଦ ସଭା କରାଯାଇଥିଲା। ଭତ୍ତା, ରାଶନକାର୍ଡ଼, ଶୌଚାଳୟ, ଆବାସ ଆଦି ଯୋଜନାରେ ହିତାଧିକାରୀ ସୁବିଧା ପାଉ ନ ଥିବା, ସରପଞ୍ଚ ଓ ସମିତିସଭ୍ୟଙ୍କ କ୍ଷମତା ସଙ୍କୁଚିତ କରି ଅନୁଦାନ ହଡ଼ପ କରାଯାଉଥିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ




ମାନେଶ୍ୱର ବ୍ଲକ ଆଗରେ ଭାଜପା ସମାବେଶ।

ଆସୁଥିବା ଅନୁଦାନକୁ ମିଥ୍ୟା ବିଲ୍ କରି ଚଳୁ କରାଯାଉଥିବା ନେଇ ଦଳ ଅଭିଯୋଗ କରିଥିଲା। ରାଜ୍ୟ ସରକାରଙ୍କ ଦୁର୍ନୀତି ଏବଂ ଅନିୟମିତତା ପଦାରେ ପଡ଼ିଥିବା ବେଳେ ଆସନ୍ତା ସାଧାରଣ ନିର୍ବାଚନ ନିର୍ଣ୍ଣାୟକ ଲଢ଼େଇ ହେବ ବୋଲି ବିଧାୟକ ନାୟକ କହିଥିଲେ। ବର୍ତ୍ତମାନ ଅମଳ ସମୟ ହୋଇଥିବା ବେଳେ ଚାଷୀମାନେ ଟୋକନ ଅଭାବରୁ ଧାନ ବିକ୍ରି କରିପାରୁ ନ ଥିବା ବିଧାୟକ ଅଭିଯୋଗ କରିଥିଲେ। ରେଢାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଚନ୍ଦ୍ର ଶେଖର ପଣ୍ଡା, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ୍, ବରିଷ୍ଠ କାର୍ଯ୍ୟକର୍ତ୍ତା ଦାମୋଦର କର, ନରେନ୍ଦ୍ର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ମାନେଶ୍ୱର ବିଡିଓ ପ୍ରଣବ କୁମାର ଚାନ୍ଦ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ। ଆନ୍ଦୋଳନରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ମାନସ ରଞ୍ଜନ ବକ୍ସି, ଉତ୍ତମ ବିଶ୍ୱାଳ, ଡ. ପ୍ରଭାସ ଦେବତା, ରୁକ୍ମିଣୀ ମହାନନ୍ଦ, ପ୍ରଭାସିନୀ ହୋତା, ପ୍ରଭାସିନୀ ଦାଶ, ରୁନୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।


ଧରିତ୍ରୀ DHARITRI
ସତ୍ୟର ଅନୁସନ୍ଧାନ ଲୋଡ଼ା
ଧରିତ୍ରୀର ରଜତଜୟନ୍ତୀ ସମାରୋହ
୪ଟି ରାଜ୍ୟରେ ୫୫ ଭାଗ ମତଦାନ

ରଜତ ଜୟନ୍ତୀ ଉତ୍ସବ (୧୯୯୮)


ଧରିତ୍ରୀ DHARITRI
ବସଭଡ଼ା କି.ମି.ପିଛା ୩ପଇସା ବୃଦ୍ଧି
ଆଜି ଓଡ଼ିଶା ପୋଲିସ ଶହୀଦ ଦିବସ
ବସ ଭଡ଼ା ବଢ଼ିଲା: ସଲାକୁଷ୍ଟି ଶେଷ
ବିହାରରେ ଓଡ଼ିଆ ଯୁବକଙ୍କୁ ହତ୍ୟା

ଚର୍ଚ୍ଚିତ ଘଟଣା: ଥାନା ହାଜତରେ ପୋଲିସ ଯୁବକଙ୍କୁ ମୂତ ପିଆଉଥିବା ଦୃଶ୍ୟ


ଧରିତ୍ରୀ THE DHARITRI
BHUBANESWAR, SUNDAY, NOVEMBER, 24, 1974
ବ୍ରେଜନେଭ-ଫୋର୍ଡ ଆଲୋଚନା
ଗେରୁଆକାରବାର ଓ କଳାକାର ଉପରେ ଆହୁରି କଟକଣା ହେବ

ଧରିତ୍ରୀର ପ୍ରଥମ ପ୍ରକାଶନ, ୨୪ ନଭେମ୍ବର ୧୯୭୪


ମୁଖ୍ୟନିର୍ବାହୀ ଚାକିରୀରୁ ନିଲମ୍ବିତ
ଭାଜପା ସହ ମେଣ୍ଟ ସୀମିତ ରହିବ: କାଂଗ୍ରେସ
ଧରିତ୍ରୀ ଦେଖାଇଲେ ଉପହାର ପାଇଲେ
'ଓସୱାଲ'ନିର୍ଗତ ଗ୍ୟାସ ପ୍ରଭାବରେ ମହିଳାଙ୍କ ମୃତ୍ୟୁ,୫୦ ଅସୁସ୍ଥ

ଧରିତ୍ରୀ ଦେଖାଇଲେ ଉପହାର (୨୦୦୨)


ଗୁଜରାଟର ଭୂକମ୍ପଗ୍ରସ୍ତ ବୀରଭଦ୍ରକା ଗ୍ରାମରେ ଧରିତ୍ରୀ ରିଲିଫ ଟିମ : ଏକ ଫଟୋ ଫିଚର

ଗୁଜରାଟର ଭୂକମ୍ପଗ୍ରସ୍ତ ବୀରଭଦ୍ରକା ଗ୍ରାମରେ ଧରିତ୍ରୀ ରିଲିଫ୍ ଟିମ୍ (୨୦୦୧)


ଧରିତ୍ରୀ THE DHARITRI
କଂଗ୍ରେସ ନେତୃ ସମାବେଶ ପକ୍ଷରୁ ୯ ଦଫା କାର୍ଯ୍ୟକ୍ରମ ଘୋଷଣା
ସମ୍ବାଦପତ୍ରର ପୃଷ୍ଠାରେ ନୂଆ ଯୁଗ ଓ ସମାଜର ଚିତ୍ର ପ୍ରତିଫଳିତ ହେଉ

ଧରିତ୍ରୀ ଜନ୍ମୋତ୍ସବର ଖବର ପ୍ରକାଶ (୨୫ ନଭେମ୍ବର, ୧୯୭୪)


ଧରିତ୍ରୀ ସ୍ୱାଧୀନତା ଦିବସ ବିଶେଷାଙ୍କ ୧୯୭୫

ପ୍ରଥମ ସ୍ୱାଧୀନତା ଦିବସ ବିଶେଷାଙ୍କ (୧୯୭୫)


ଧରିତ୍ରୀ

ପ୍ରଥମ ଓଡ଼ିଶା ଦିବସ ବିଶେଷାଙ୍କ, (୧ଏପ୍ରିଲ୧୯୭୬)


ଧରିତ୍ରୀ
ଧରିତ୍ରୀ ର ପ୍ରଭାତୀ ସଂସ୍କରଣ ଆରମ୍ଭ

ପ୍ରଭାତୀ ସଂସ୍କରଣ ଆରମ୍ଭ (୯ ସେପ୍ଟେମ୍ବର ୧୯୯୦)


ସମ୍ବଲପୁରରେ ଧରିତ୍ରୀ ଛପା ଆରମ୍ଭ
ଗହମଗୁଣ୍ଡ ବଦଳରେ ଭାତ,ଡାଲି

ଧରିତ୍ରୀର ସମ୍ବଲପୁର ଛପା ଆରମ୍ଭ ( ୯ ଜୁନ୍, ୨୦୦୫)


Published simultaneously from Bhubaneswar, Sambalpur, Dhenkanal, Berhampur, Balasore and Rayagada
ଅନୁଗୋଳରୁ ଧରିତ୍ରୀ ଛପା ଆରମ୍ଭ


ଅନୁଗୋଳରୁ ଛପା ଆରମ୍ଭ (୨ ମାର୍ଚ୍ଚ ୨୦୧୪)


Published simultaneously from Bhubaneswar, Sambalpur, Dhenkanal, B
Bhubaneswar, Friday, November 05 / 2010
ରାୟଗଡ଼ାରୁ ଛପା ଆରମ୍ଭ


ରାୟଗଡ଼ାରୁ ଛପା ଆରମ୍ଭ ( ୫ ନଭେମ୍ବର ୨୦୧୦)

